# ତହସିଲ କାର୍ଯ୍ୟାଳୟ , ହିନ୍ଦୋଳ,   ଜିଲ୍ଲା-ଢେଙ୍କାନାଳ

ବିଜ୍ଞାପନ ପତ୍ର ସଂଖ୍ୟା 5712 /ତାରିଖ 12.12.2020

ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ -୨୦୧୭ ଅନୁଯାୟୀ ]

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ହିନ୍ଦୋଳ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖଦାନ କୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ହିନ୍ଦୋଳଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules-2016 Form-M ରେ ପୁରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା ୨୬/୧୧/୨୦୨୦ ରିଖ ଦିନ ଅପରାହ୍ନ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲ ଅଫିସରେ ଥିବା DROP BOX ରେ ପକାଇପାରିବେ କିମ୍ବା ରେଜେଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ ମାଧ୍ୟମରେ ତହସିଲ ଅଫିସରେ ଦାଖଲ କରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ସେହି ଦିନ ଅପରାହ୍ନ ୩.00 ଘଣ୍ଟା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ କିମ୍ବା ଯୋଗ୍ୟ ବିବେଚିତ ହୋଇପାରିନଥାନ୍ତି ତାହାହେଲେ ଦିତ୍ୱୀୟ ଥର ପାଇଁ ତା ୦୪/୧୨/୨୦୨୦ ରିଖ ଦିନ ଅପରାହ୍ନ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା ୧୧/୧୨/୨୦୨୦ ରିଖ ଦିନ ଦିବା ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହି ପରି ଭାବରେ ଦରଖାସ୍ତ କରିପାରିବେ । ସେଗୁଡିକ ସେହିଦିନ ଅପରାହ୍ନ ୩.00 ଘଣ୍ଟା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି ।

## ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ ( ଏକହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ।
Head of Account- "0853-Non-ferrous mining and Metallurgical Industries-102-Mineral Concession Fees, Rents and Royalties"

୨. ଆବେଦନକାରୀ Earnest money ସ୍ୱରୂପ ବାର୍ଷିକ MGQ ର ରୟାଲଟି ଏବଂ minimum Additional Charge ର ୫% ଯାହାକି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ତହସିଲଦାର ହିନ୍ଦୋଳ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ୍ଣ ବିବରଣୀ ଓ ନକ୍ସା ।

୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୫· Rule 27 (4)(iv) of OMMC Rules, 2016 ମୁତାବକ ଆବେଦନକାରୀଙ୍କ ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା Minimum Guaranteed Quantity (MGQ)ର ରୟାଲଟି ଓ ଆବେଦନ କରିଥିବା ପ୍ରସ୍ତାବିତ Additional Charge ପରିମାଣର ସମାନ ଅର୍ଥ ବା ତଦୁର୍ଦ୍ଧ ମୂଲ୍ୟର ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା Solvency Certificate ଯାହାର ଅବଧି ପରବର୍ତ୍ତି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ତାହା ଦାଖଲ କରିବେ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ ହେବା ଆବଶ୍ୟକ ।

Bank Guarantee ≥ [ MGQ X ( Royalty + Additional Charge Quoted ) ]

୬. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୭. G.S.T Clearance ସାର୍ଟିଫିକେଟର ନକଲ ।

## ସର୍ତ୍ତାବଳୀ

୦୧· ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୧୬ (OMMC Rules, 2016) ର ପରିସର ଭୁକ୍ତ ହେବେ ।

୦୨· ଲିଜ୍‌ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩· ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪· ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ଦ୍ୱିତୀୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଯଦି ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫· ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ ସମସ୍ତ କାଗଜାତ ସଲଗ୍ନ ନକରି କିମ୍ବା ଧାର୍ଯ୍ୟ minimum Additional Charge ଠାରୁ କମ୍ ଦରରେ ଦରଖାସ୍ତ କରିଥିବେ ତେବେ ତାଙ୍କର M ଫର୍ମ ଖାରଜ କରିଦିଆଯିବ । କୌଣସି ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬· ପ୍ରଚଳିତ ନିୟମ ଅନୁଯାୟୀ ଲିଜ୍‌ଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୭· ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ୍ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮· ସର୍ବୋଚ୍ଚ ନିଲାମଧାରୀ ଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ F ରେ ସାତଦିନ ମଧ୍ୟରେ ଜଣାଇ ଦିଆଯିବ ଓ ସର୍ବୋଚ୍ଚ ନିଲାମଧାରୀ 15 ଦିନ ମଧରେ ସହମତି ପତ୍ର ପ୍ରଦାନ କରିବା ସହିତ ନିମ୍ନମତେ ଅମାନତ ରାଶି (Security Money ) ଜମା କରିବେ ।

Security Money = [ 25% of {MGQ as approved in Mining Plan x ( Royalty + Additional Charge Quoted) }] – Earnest money.

୦୯· ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଜଧାରୀ ଲିଜ୍ ପାଇଥିବା ସୈରାତର Environment Clearance ଦାଖଲ କରିବେ । ଲିଜ୍‌ଧାରୀ ଲିଜ ପାଇଥିବା ସୈରାତ ପାଇଁ ଖର୍ଚ୍ଚ ହୋଇଥିବା Mining Planର ଖର୍ଚ୍ଚ ବାବଦରେ ସରକାରୀ ଦେୟ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ଏବଂ ଯଦି କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ସୈରାତର Environment Clearance ପ୍ରସ୍ତୁତ କରିଥାନ୍ତି ତେବେ ସେହି ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ସରକାରୀ ଦେୟ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବେ।

୧୦· ଲିଜ୍ ମଞ୍ଜୁରୀ ପରେ ଲିଜ୍‌ଧାରୀ Royalty, Additional Charge, Surface Rent, Compensatory afforestion fees, DMF, EMF and TCS etc. ର ବାର୍ଷିକ ଦେୟ ଜମା କରିବେ, ଯାହାକି ଅନୁମୋଦିତ ହୋଇଥିବା Mining Plan ରେ ଦର୍ଶାଯାଇଥିବା Minimum Guaranteed Quantity (MGQ) ଅନୁଯାୟୀ ଧାର୍ଯ୍ୟ କରାଯିବ ।

୧୧· ସମସ୍ତ ସରକାରୀ ଦେୟ ପଇଠ କଲା ପରେ ଲିଜ୍‌ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ୍ୟ ହେବେ ।

୧୨· ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୁଷଣ ବୋର୍ଡ, ଅନୁଗୁଳଙ୍କଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୧୩· ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ ଲିଜ୍‌ଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉପରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୧୪· ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଘଂନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୫· ଜିଲ୍ଲାପାଳ ଓ Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ୍‌କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୧୬· ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ , M ଫର୍ମ , ଲିଜ ସର୍ତ୍ତାବଳୀ ତଥା ସୈରାତର ସମସ୍ତ ବିବରଣୀ ଅବଗତ ହୋଇ ପାରିବେ ।

୧୭· ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ ହେବ ।

୧୮· ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ହାସଲ କରିବେ ।

୧୯· ଲିଜ୍ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡ଼ିକ ପୁର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶ ଗ୍ରହଣ କରିବେ ।

୨୦· ଲିଜ୍ ଗ୍ରହଣ କରିସାରିଲା ପରେ ଲିଜ୍ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୧· ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୨୨· ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୩· ଜମା ରୟାଲଟ ଓ Additional Charge ରାଶିର ୨% ଲିଜ୍‌ଧାରୀ T.C.S ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜ୍‌ଧାରୀ ରୟାଲଟି ଓ Additional Charge ର ୫% EMF ଓ 10% DMFT ବାବଦକୁ ଦାଖଲ କରିବେ ।

୨୪· ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୨୫· ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ହିନ୍ଦୋଳ ତହସିଲ୍ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ ।

୨୬· ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.in ରେ ଉପଲବ୍ଧ ହେବ ।

୨୭· ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୁପକ୍ଷ ଙ୍କ ପାଖରେ ରହିଛି ।

୨୮· ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ ।

୨୯· ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୩୦· ଲିଜ୍ ଅବଦ୍ଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରରେ କୌଣସି ବୃଦ୍ଧି ଘଟିଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀଙ୍କ ବର୍ଦ୍ଧିତ ହାରରେ ରୟାଲଟି ପୈଠ କରିବାକୁ ହେବେ।

**ସମସ୍ତ ଲଘୁ ଖଣିଜ ଉତ୍ସର ସବିଶେଷ ବିବରଣୀ ସାରଣୀ- ୧ ରେ ବର୍ଣ୍ଣିତ ଅଛି ।**

ତହସିଲଦାର, ହିନ୍ଦୋଳ

ସ୍ମାରକ ସଂଖ୍ୟା 4713 / ତାରିଖ 12.11.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ / ଉପ-ଜିଲ୍ଲାପାଳ, ହିନ୍ଦୋଳଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର, ହିନ୍ଦୋଳ

ସ୍ମାରକ ସଂଖ୍ୟା 4714 / ତାରିଖ 12.11.2020

ଏହାର ଏକକିତା ନକଲ ଗୋଷ୍ଠିଉନ୍ନୟନ ଅଧିକାରୀ, ହିନ୍ଦୋଳ / ସମସ୍ତ ଗ୍ରାମପଞ୍ଚାୟତ/ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମ୍ପୃକ୍ତ ଗ୍ରାମର କୋଠଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ହିନ୍ଦୋଳ

ସ୍ମାରକ ସଂଖ୍ୟା 4715 / ତାରିଖ 12.11.2020

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ(NIC) , ଢେଙ୍କାନାଳଙ୍କ ସଦୟ ଅବଗତି ତଥା ଜିଲ୍ଲା ୱେବସାଇଟରେ ପ୍ରଦର୍ଶିତ କରିବା ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର, ହିନ୍ଦୋଳ

# ସୈରାତର ବିବରଣୀ – ହିନ୍ଦୋଳ ତହସିଲ - ଆଗାମୀ ୦୫ ବର୍ଷ ପାଇଁ

| କ୍ର. ସଂ ଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା | ରୟାଲଟି ମୂଲ୍ୟ (Per Cum) | Minimum Additional Charge (Per Cum) | ବାର୍ଷିକ MGQ (In Cum) | Earnest Money |
|---|---|---|---|---|---|---|---|---|---|---|
| ୧ | ୦୫/୨୦୨୦ | ବେଡାପଡା କଳା ମୁଗୁନି ପଥର ନଂ ୨ | ବେଡାପଡା | ୩୬୨ | ୧୧୩୮ | ଏ ୪.୫୯ | ୧୩୦.୦୦ | ୧୨୩.୦୦ | ୧୫,୦୨୨ | ୧,୯୦,୦୨୮/- |
| ୨ | ୦୧/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୯ | କାରନ୍ଦା | ୮୩୮ | ୧୩୪୫, ୧୩୩୫, ୧୪୮୫ | ଏ ୫.୩୯ | ୧୩୦.୦୦ | ୧୨୩.୦୦ | ୧୮,୦୩୨ | ୨,୨୮,୧୦୫/- |
| ୩ | ୦୩/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୧୧ | କାରନ୍ଦା | ୮୩୮ | ୧୫୬୫ | ଏ ୩.୫୦ | ୧୩୦.୦୦ | ୧୨୩.୦୦ | ୧୫,୦୧୬ | ୧,୮୯,୯୫୨/- |
| ୪ | ୦୪/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୧୨ | କାରନ୍ଦା | ୮୩୭<br>୮୩୮ | ୧୨୧୧, ୧୩୫୨, ୧୩୫୩, ୧୩୫୧, ୧୨୧୦, ୧୩ ୪୯ | ଏ ୮.୪୧ | ୧୩୦.୦୦ | ୧୨୩.୦୦ | ୨୫,୧୧୩ | ୩,୧୭,୬୭୯/- |
| ୫ | ୦୮/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୧୩ | କାରନ୍ଦା | ୮୩୭<br>୮୩୮ | ୧୫୪୦<br>୧୫୨୯ | ଏ ୦.୪୩<br>ଏ ୩.୫୫ | ୧୩୦.୦୦ | ୧୨୩.୦୦ | ୧୦,୦୧୯ | ୧,୨୬, ୭୪୦/- |
| ୬ | ୦୯/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୧୪ | କାରନ୍ଦା | ୮୩୭<br>୮୩୮ | ୧୬୮୬<br>୧୬୮୭<br>୧୬୮୯<br>୧୭୯୫ | ଏ୦.୫୧<br>ଏ ୧.୦୩<br>ଏ ୧.୦୬<br>ଏ ୦.୩୦ | ୧୩୦.୦୦ | ୧୨୩.୦୦ | ୮,୦୦୩ | ୧,୦୧,୨୩୮ /- |
| ୭ | ୧୦/୨୦୨୦ | କାରନ୍ଦା କଳା ମୁଗୁନି ପଥର ନଂ ୧୫ | କାରନ୍ଦା | ୮୩୮ | ୧୭୬୦ | ଏ ୧.୧୪ | ୧୩୦.୦୦ | ୧୨୩.୦୦ | ୫,୦୦୮ | ୬୩,୩୫୧ /- |
| ୮ | ୧୧/୨୦୨୦ | ଗିରିଧରପ୍ରସାଦ କଳା ମୁଗୁନି ପଥର ନଂ ୦୧ | ଗିରିଧରପ୍ରସାଦ | ୨୯୭ | ୧୪୭<br>୧୪୯ | ଏ ୬.୦୦<br>ଏ ୧.୫୮ | ୧୩୦.୦୦ | ୧୨୩.୦୦ | ୧୫,୦୨୫ | ୧,୯୦,୦୬୬ /- |
| ୯ | ୧୨/୨୦୨୦ | ଗିରିଧରପ୍ରସାଦ କଳା ମୁଗୁନି ପଥର ନଂ ୦୨ | ଗିରିଧରପ୍ରସାଦ | ୨୯୭ | ୧୭୮<br>୧୮୨<br>୧୯୦ | ଏ ୩.୮୩<br>ଏ ୨.୭୫<br>ଏ ୦.୬୨ | ୧୩୦.୦୦ | ୧୨୩.୦୦ | ୧୫,୦୨୩ | ୧,୯୦,୦୪୧ /- |
| ୧୦ | ୧୪/୨୦୨୦ | ତର୍କାବେଡା କଳା ମୁଗୁନି ପଥର ନଂ ୦୨ | ତର୍କାବେଡା | ୨୭୪ | ୩୪୯୪/୧ | ଏ ୫.୦୦ | ୧୩୦.୦୦ | ୧୨୩.୦୦ | ୧୦,୦୨୨ | ୧,୨୬,୭୭୮ /- |
| ୧୧ | ୧୫/୨୦୨୦ | ତର୍କାବେଡା କଳା ମୁଗୁନି ପଥର ନଂ ୦୩ | ତର୍କାବେଡା | ୨୭୪ | ୩୪୯୪/୨ | ଏ ୫.୦୦ | ୧୩୦.୦୦ | ୧୨୩.୦୦ | ୧୦,୦୩୫ | ୧,୨୬, ୯୪୩/- |
| ୧୨ | ୧୬/୨୦୨୦ | ତର୍କାବେଡା କଳା ମୁଗୁନି ପଥର ନଂ ୦୪ | ତର୍କାବେଡା | ୨୭୪ | ୩୪୯୪/୩ | ଏ ୬.୦୦ | ୧୩୦.୦୦ | ୧୨୩.୦୦ | ୧୨,୦୨୮ | ୧,୫୨,୧୫୪ /- |
| ୧୩ | ୧୭/୨୦୨୦ | ତର୍କାବେଡା କଳା ମୁଗୁନି ପଥର ନଂ ୦୫ | ତର୍କାବେଡା | ୨୭୪ | ୩୪୯୪/୪ | ଏ ୬.୦୦ | ୧୩୦.୦୦ | ୧୨୩.୦୦ | ୧୨,୦୬୯ | ୧,୫୨,୬୭୩/- |
| ୧୪ | ୧୮/୨୦୨୦ | ତର୍କାବେଡା କଳା ମୁଗୁନି ପଥର ନଂ ୦୬ | ତର୍କାବେଡା | ୨୭୪ | ୩୪୯୪/୫ | ଏ ୬.୦୦ | ୧୩୦.୦୦ | ୧୨୩.୦୦ | ୧୨,୦୬୦ | ୧,୫୨,୫୫୯/- |
| ୧୫ | ୦୬/୨୦୨୦ | କୁକୁଡା କଳା ମୁଗୁନି ପଥର ନଂ ୦୨ | କୁକୁଡା | ୨୯୮ | ୩୫୯୪<br>୩୪୭୫ | ଏ ୩.୩୫<br>ଏ ୦.୧୯ | ୧୩୦.୦୦ | ୧୨୩.୦୦ | ୩୮୨୨ | ୪୮,୩୪୮/- |

ତହସିଲଦାର, ହିନ୍ଦୋଳ

FORM – M

Application for grant of Quarry Lease

[*See* rule 27(4)]

To

.............................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................. years over............hectares of land in the area specified in the *Annexure* given below:-

2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No......... dated.......is enclosed.

3. The required particulars are given below:-

   i) An affidavit stating that no mining due payable under the Act and Rules made there under is outstanding against the applicant.

   ii) Where land belongs to private persons, consent of all such persons for grant of quarry lease.

   iii) Solvency certificate and list of immovable property from the Revenue Authority.

4. (i) Name and address of the applicant..................................................... (ii) Nationality of the applicant............................................................... (iii) Profession of the applicant.................................................................

   (iv) Particulars of the areas, mineral wise, within the State for which the applicant or any person having joint interest with him...............................................

   a) Already holds a quarry lease...................................................

   b) Has already applied for a quarry lease but not granted ...........................

   c) Being applied for simultaneously.............................................

   d) Nature of joint interest, if any..................................................

   (v) Means by which the minor minerals is/are to be raised, i.e. whether manual or mechanical......................

   (vi) Manner in which the minor mineral raised to be utilized-

   (a) For manufacture..........................

   (b) For sale.....................................

   (c) Any other purpose.....................

   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant